ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୭ ନଭେମ୍ବର, ୨୦୨୨

## ସଂକ୍ଷେପରେ

### ମା' ବରାଳିନୀ ମନ୍ଦିର ପ୍ରବେଶ ଦ୍ୱାର ପାଇଁ ଶିଳାନ୍ୟାସ



**ଜି.ଉଦୟଗିରି,୬।୧୧(ଡି.ଏନ.ଏ.):** ଜି.ଉଦୟଗିରି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ବରଳଦେବୀଙ୍କ ମନ୍ଦିରକୁ ଯିବା ନିମନ୍ତେ ୧୧ ନମ୍ବର ୱାର୍ଡର ହାତୀବାଲି ସାହିଠାରେ ଏକ ପ୍ରବେଶଦ୍ୱାର (ଫାଟକ)ର ରବିବାର ଶିଳାନ୍ୟାସ ପୂଜା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ କାଉନସିଲର ଲିପିକା ପ୍ରଧାନଙ୍କ ଉପସ୍ଥିତିରେ ପଣ୍ଡିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ଓ କର୍ତ୍ତା ଜ୍ୟୋତି ଶଙ୍କର ପ୍ରଧାନଙ୍କ ଦ୍ୱାରା ଶିଳାନ୍ୟାସ ପୂଜା ଅନୁଷ୍ଠିତ ହୋଇଥିଲା। ହାତୀବାଲି ସାହିର ଶଙ୍କର ଡାକୁଆଙ୍କ ସମେତ ସମସ୍ତ ସାହି ବାସିନ୍ଦା ଉପସ୍ଥିତ ଥିଲେ। ମନ୍ଦିରର କିଛି ଦୂର ପୂର୍ବରୁ ଏହି ଗେଟଟି ହେଲେ ନୂତନ ଭାବେ ଆସୁଥିବା ଶ୍ରଦ୍ଧାଳୁମାନେ ମାଙ୍କ ମନ୍ଦିରକୁ ଠିକ ଭାବେ ଯାଇପାରିବା ସହ ମନ୍ଦିରର ଶୋଭାବର୍ଦ୍ଧନ କରିବ ବୋଲି ଅଞ୍ଚଳବାସୀ କହିଛନ୍ତି।

### ମୋବାଇଲ ଫୋନ, ୨ ଲାପ୍‌ଟପ ଚୋରି

ଶେରଗଡ,୬।୧୧(ଡି.ଏନ.ଏ.)-ଶେରଗଡ଼ ବାଇପାସ ସ୍ଥିତ ଏକ ଦୋକାନରୁ ଶନିବାର ମଧ ରାତ୍ରିରେ ଦୁର୍ବୃତ୍ତ ମୋବାଇଲ ସହ ୨ ଲାପଟପ ଚୋରି କରିଛନ୍ତି। ଏନେଇ ଦୋକାନ ମାଲିକ ଶ୍ୟାମ ସୁନ୍ଦର ପାଣିଗ୍ରାହୀ ରାତିରେ ଦୋକାନ ବନ୍ଦ କରି ନିଜ ଘରକୁ ଯାଇଥିଲେ। ରବିବାର ଆସି ଦେଖିବା ବେଳେ ଦୋକାନ ଭଙ୍ଗାଯାଇଥିବା ବେଳେ ମୋବାଇଲ ଓ ଲାପଟପ ଚୋରି ହୋଇଥିବା ଜାଣି ଶେରଗଡ଼ ଥାନାରେ ଅଭିଯୋଗ କରିଥିଲେ।

### ଅଗ୍ନିବିପନ୍ନଙ୍କୁ ପୁରାତନ ଛାତ୍ରଙ୍କ ସହାୟତା

**ଭଞ୍ଜନଗର,୬।୧୧(ଡି.ଏନ.ଏ.):** ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ରମାନେ ବିଲୁଆପଡ଼ାରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ଏହାପୂର୍ବରୁ ବିପଦର ବନ୍ଧୁ କର୍ମକର୍ତ୍ତାମାନେ ମଧ ଅଗ୍ନିବିପନ୍ନ ୧୨ ପରିବାରକୁ ସହାୟତା ଦେଇଥିଲେ। ଏଥିସହ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ, ତହସିଲ ଏବଂ ବନ ବିଭାଗ ପକ୍ଷରୁ ଆବଶ୍ୟକ ସହାୟତା କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଯୋଗାଇ ଦିଆଯାଇଛି । ସୂଚନାଯୋଗ୍ୟ, ଗତ ରବିବାର ବିଳମ୍ବିତ ରାତିରେ ବିଲୁଆପଡ଼ାରେ ଅଗ୍ନିକାଣ୍ଡ ଘଟି ୧୨ ପରିବାରର ୨୦ରୁ ଉର୍ଦ୍ଧ୍ୱ ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା ।

### ଜୁଆ ଆଡ୍ଡାରୁ ୧୨ ଅଟକ

**କାଶୀନଗର,୬।୧୧:** କାଶୀନଗର ଥାନା ଖାଣ୍ଡା ପଞ୍ଚାୟତ ସାରା ଗ୍ରାମରେ ପୋଲିସ ଧରପଗଡ କରି ଦୁଇଟି ଜୁଆ ଆଡ୍ଡାରୁ ୧୨ ଜଣଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ୧୪ ହଜାର ୯ ଶହ ଟଙ୍କା ଓ ଦୁଇଟି ପ୍ୟାକେଟ ତାସ ଜବତ କରିଛି। କାଶୀନଗର ଥାନାରେ ଜୁଆ ଖେଳ ଆଇନ ଧାରା ୪୧ ପ୍ରକାରେ ନଂ. ୧୩୮ ଓ ୧୩୯/୨୨ରେ ଦୁଇଟି ପୃଥକ୍ ମକଦ୍ଦମା କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

# ପାଣି ପାଇଁ ରାସ୍ତା ଅବରୋଧ କଲେ ମହିଳା

**ଫୁଲବାଣୀ ଅଫିସ/ଟିକାବାଲି, ୬।୧୧**

କନ୍ଧମାଳ ଜିଲା ଟିକାବାଲି ମୁଖ୍ୟାଳୟରେ ପାନୀୟ ଜଳର ଘୋର ସମସ୍ୟା । ଆଜି ଯାଏ ଲୋକଙ୍କୁ ଠିକ୍ ଭାବେ ପାନୀୟ ଜଳ ମିଳୁ ନାହିଁ । ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କଠାରୁ ବ୍ଲକ ପ୍ରଶାସନ ଯାଏ ଯେତେ ଅଭିଯୋଗ କରି ଆସୁଥିଲେ ହେଁ କିଛି ସୁଫଳ ମିଳୁନାହିଁ । ଫଳରେ ରବିବାର ବଙ୍ଗଳାସାହି, ଖଦଳ ସାହିର ମହିଳାମାନେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଛନ୍ତି।

ଇଙ୍ଗଳାସାହି ଏବଂ ଖଦଳ ସାହିରେ ଆଜକୁ ୧୫ ଦିନ ହେବ ପାଇପ ଯୋଗେ ପାନୀୟ ଜଳ ମିଳୁନାହିଁ। ସାହିରେ ଥିବା ନଳକୂପ ଦୀର୍ଘ ଦିନ ହେଲା ଅଚଳ ହେଇପଡିଛି। ଏହି ସମସ୍ୟା ବିଷୟରେ କିଛି ଦିନ ପୂର୍ବରୁ ସାହି ବାସୀନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ, ସ୍ଥାନୀୟ ସରପଞ୍ଚଙ୍କ ପାଖରେ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ । ଫଳରେ ଲୋକେ ବାଧ ହୋଇ ରାସ୍ତା ଅବରୋଧ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ପାନୀୟ ଜଳ ବିଭାଗ ଯନ୍ତ୍ରୀଙ୍କୁ ଡାକି ଲୋକେ କିପରି ପାଣି ପାଇବେ ତାହାର ବନ୍ଦୋବସ୍ତ କରିଥିଲେ। ଏହାପରେ ଧାରଣା ହଟିଥିଲା ।



ମହିଳାମାନେ ରାସ୍ତା ଉପରେ ବସିଛନ୍ତି।

# ଆଇନସେବା ସଚେତନତା ଶିବିର

**ଛତ୍ରପୁର,୬।୧୧(ଡି.ଏନ୍.ଏ.)**

ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣ(କଟକ), ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲା ଦୌରାଜଜ୍ (ବ୍ରହ୍ମପୁର) ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତ୍ୟବ୍ୟରେ ଆଇନ ପ୍ରାଧିକରଣର ମୂଳ ଲକ୍ଷ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ସମସ୍ତ ହିତାଧିକାରୀ ସୁବିଧାରେ ପାଇବେ ସେଥି ନିମନ୍ତେ ସଚେତନ କରିବା, ଯେଉଁମାନେ ଆଇନ, ସ୍ୱାସ୍ଥ୍ୟ, ପାନୀୟ ଜଳ, ଖାଦ୍ୟ ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ଥିବେ ସେମାନଙ୍କ ପାଇ ଆଇନ ପ୍ରାଧିକରଣରେ ନିୟୋଜିତ ସଭ୍ୟ, ସଭ୍ୟା ମାନେ ମାଗଣାରେ କାର୍ଯ୍ୟ କରିବେ ବୋଲି ମଧ କହିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଅତିରିକ୍ତ ଦୌରାଜଜ୍ (ଛତ୍ରପୁର) ମନୋରଞ୍ଜନ ଦାଶ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ଦଳାଇ ଯୋଗ ଦେଇ ଏଭଳି ଶିବିରର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୈଳାଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆଇନ ସେବା ପ୍ରାଧିକରଣର ସଭ୍ୟ ଟି. କେ. ରେଡ୍ଡୀ ଶିବିର ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ପୁଙ୍ଖାନୁପୁଙ୍ଖ ସଚେତନ କରାଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ପାରା ଲିଗାଲ ଭଲିଣ୍ଟର ଜ୍ୟୋତି କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରିରେ ୧୮ରୁ ଉର୍ଦ୍ଧ୍ୱ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ସମ୍ପର୍କରେ ଷ୍ଟଲ ଖୋଲାଯାଇ ସେବା ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ସେମାନଙ୍କ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ପୋଲିସ ବିରୋଧରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ

**ପୁରୁଷୋତ୍ତମପୁର,୬।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ସଭାପତି ଅରୁଣ କୁମାର ପଣ୍ଡାଙ୍କ ପୌରହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ରମାରଞ୍ଜନ ଦାଶ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ଜନସାଧାରଣଙ୍କୁ ଦୁର୍ନୀତି ହଟାଇବା ଲାଗି ସଚେତନତା କରାଇବା ସହ ଯେକୌଣସି କାର୍ଯ୍ୟ ଲାଗି କୌଣସି ବିଭାଗୀୟ କାର୍ଯ୍ୟାଳୟକୁ ଗଲେ କାହାରିକୁ ଲାଞ୍ଚ ନଦେବା ଲାଗି ପରାମର୍ଶମାନ ଦେଇଥିଲେ ଏବଂ ସମସ୍ତେ ଦୁର୍ନୀତି ମୁକ୍ତ ଭାରତ ଗଠନ ଲାଗି ଶପଥ ନେଇଥିଲେ। ଏଥିରେ ଉପସ୍ଥିତ ବ୍ୟକ୍ତିମାନେ ଏଠିକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିନା ଲାଞ୍ଚରେ କର୍ମଚାରୀମାନେ କିଛି ବି କାର୍ଯ୍ୟ କରୁନଥିବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଏସଡିପିଓ ରଜନୀକାନ୍ତ ସାମଲ ଗୁରୁତର ଭାବେ ନେଇ ଯଦି ଏହି ପୋଲିସ ବିଭାଗିୟ ଉପଖଣ୍ଡ ଅଧିନସ୍ଥ ପୁରୁଷୋତ୍ତମପୁର, କୋଦଳା, କବିସୂର୍ଯ୍ୟନଗର, ପୋଲସରା ଥାନା ଅଞ୍ଚଳରେ କୌଣସି ପୋଲିସ କର୍ମଚାରୀ ଯଦି ଟଙ୍କାଟିଏ ବି କାହାରିକୁ ମାଗନ୍ତି କିମ୍ବା ହଇରାଣ ହରକତ କରନ୍ତି ତେବେ ସେମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି କହି ଏଭଳି ଘଟଣା ନଜରକୁ ଆସିଲେ ତାଙ୍କୁ ସଙ୍ଗେ ସଙ୍ଗେ ଜଣାଇବାକୁ ଅନୁରୋଧ କରି ନିଜର ବ୍ୟକ୍ତିଗତ ମୋବାଇଲ ନମ୍ବର ୯୯୩୭୧୫୬୭୮୩କୁ ସମସ୍ତଙ୍କୁ ପ୍ରଦାନ କରିଥିଲେ। ଏସଡିପିଓଙ୍କ ଏଭଳି ପଦକ୍ଷେପକୁ ଉପସ୍ଥିତ ଜନସାଧାରଣ ଧନ୍ୟବାଦ ଦେଇ ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ ଏପରି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୧୦୦ କେଜି ଗଞ୍ଜେଇ ସହ କାର ଜବତ

**ଛତ୍ରପୁର,୬।୧୧(ଡି.ଏନ.ଏ )**

ସ୍ଥାନୀୟ ଜାତୀୟ ରାଜପଥ ନିକଟ ମା' ଉଜ୍ୱଳେଶ୍ୱରୀ ମନ୍ଦିର ସମ୍ମୁଖରୁ ଏକ କାରରୁ ୧୦୦ କେଜି ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଛତ୍ରପୁର ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ଦାରିଙ୍ଗବାଡି ଥାନା ଅନ୍ତର୍ଗତ କେରୁଆ ବାଡ଼ି ଅଞ୍ଚଳର କାନ ଜୁଦାସ। ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା (ଏକଓଡି ୦୫ ଏମ ୩୨୧୬)ଇଣ୍ଡିକୋକୁ ବିଶେଷ ସୂତ୍ରରୁ ଖବର ପାଇ ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଓ ଛତ୍ରପୁର ଅବକାରୀ ଥାନାର ମିଳିତ ସହଯୋଗରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଜିଲା ଅବକାରୀ ଭ୍ରାମ୍ୟ ମାଣ ସଂସ୍ଥାର ଅବକାରୀ ନିରୀକ୍ଷକ ଧନେଶ୍ୱର ବରା ଛତ୍ରପୁର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଧନଞ୍ଜୟ ପାତ୍ର ଏବଂ ତାଙ୍କ ଟିମ ସାମିଲ ଥିଲେ। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଭଞ୍ଜନଗର,୬।୧୧(ଡି.ଏନ.ଏ.)**

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ସ୍ଥାନୀୟ ନାୟକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକ ମଞ୍ଚକୁ ଘର ଡ଼ିହ ଯୋଗାଇ ଦିଆଯାଉଥିବା ବେଳେ ଭଞ୍ଜନଗରରେ ଏହି ସୁବିଧା ଦିଆଯାଉନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏ ସମ୍ପର୍କରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ବୈଠକରେ ସଂଘ ସଭାପତି ସୋମନାଥ ନାୟକ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ନୂତନ କର୍ମକର୍ତ୍ତା ବାବୁ ପାତ୍ର, ସହ ସମ୍ପାଦକ ହରେକୃଷ୍ଣ ସାହୁ,ବାଳକୃଷ୍ଣ ପାଢ଼ୀ, ବିପିନ ବେହେରା, ଲଡୁକିଶୋର ପ୍ରଧାନ, ସନ୍ତୋଷ ମିଶ୍ର,ରଘୁନାଥ ପାତ୍ର, ସୁରେନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା, ବିଜୟ ପାତ୍ର, ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବି ନେଇ ବିକ୍ଷୋଭ

**ଆର.ଉଦୟଗିରି,୬।୧୧(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଚାରିଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏବିଇଓଙ୍କୁ ପ୍ରଦାନ କରିଥିଲେ। ଶନିବାର ସ୍ଥାନୀୟ ଶିବ ମନ୍ଦିର ପରିସରରୁ ଶିକ୍ଷକମାନଙ୍କୁ ମାରଣ ନୀତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ସେଠାରୁ ଏକ ରାଲିରେ ସରକାରଙ୍କ ଶିକ୍ଷକମାନଙ୍କୁ ମାରଣ ନୀତି ବନ୍ଦ କରିଯାଉ ନେଇ ସରକାରଙ୍କ ବିଭିନ୍ନ ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା କରି ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶିକ୍ଷକମାନଙ୍କ ଚାରିଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଖାଲିପଡିଥିବାରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧରେ ଶିକ୍ଷା ସହାୟକଙ୍କ କାର୍ଯ୍ୟକାଳ ୬ ବର୍ଷ ଅବଧିକୁ ମୁଖ୍ୟ ଚାକିରିରେ ଗଣନା କରିବା, ମୂଳ ୬ ବର୍ଷର ସମସ୍ତ ଆର୍ଥିକ ସୁବିଧା ପ୍ରଦାନ ନୂତନ ପେନସନ୍ ସ୍କିମ ରଦ୍ଦ ଏବଂ ପୁରୁଣା ପେନସନ୍ ପୁନରୁଦ୍ଧାର ପାଇଁ ଦାବି ରହିଛି। ଏହି ରାଲିରେ ମିଳିତ ପ୍ରାଥମିକ ସଂଘର ସଭାପତି ସୁକୁ ପୂଜାରୀଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ଏନ୍‌ସିଏସ୍ ଶିକ୍ଷକ ସଂଘର ସଭାପତି ପ୍ରିୟଦର୍ଶନୀ ପୂଜାରୀ ଓ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଗଙ୍ଗାଧର ପାଇକଙ୍କ ସହ ସମସ୍ତ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଗିରଫ

**ଆର.ଉଦୟଗିରି,୬।୧୧(ଡି.ଏନ.ଏ.)**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଅଡବା ପୋଲିସ ହରିଆଣାର ରୋଷନ ଲାଲ୍‌ଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରୋଷନଠାରୁ ପୋଲିସ ୨୧ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ନଂ. ୧୩/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଡବା ଥାନା ଏସ୍‌ଆଇ ବି ଏନ୍ ରେଡ୍ଡୀ ଓ ଟିମ୍ ମାନ୍ଦ୍ରାବାଜୁ ଠାରେ ପାଟ୍ରୋଲିଂ କରିଥିବା ବେଳେ ସନ୍ଦେହରେ ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରିଥିଲେ। ସେ ଧରିଥିବା ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡିବା ପରେ ପୋଲିସ ଗିରଫ କରିଥିଲା। ଏସ୍‌ଆଇ ଲକ୍ଷ୍ମଣ ବେସ୍ରା ଏହି ମାମଲାର ତଦନ୍ତ ଭାର ନେଇଛନ୍ତି।



# କ୍ରୀଡ଼ା ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**ଧରାକୋଟ,୬।୧୧(ଡି.ଏନ୍.ଏ.)**

ଧରାକୋଟ ବ୍ଲକର ଢ଼ଉଗାଁ ସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଜୟ କୁମାର ଜେନାଙ୍କୁ ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଧରାକୋଟ ନିକଟସ୍ଥ କାଠୁଆପଲି ଠାକୁରାଣୀ ମନ୍ଦିର ପୀଠରେ ଏହି ଅବସରରେ ସଂଘର ସଭାପତି ପାଣ୍ଡବ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାହାଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପଣ୍ଡା, ସମ୍ମାନିତ ଅତିଥି ରୂପେ ଏବିଇଓ ଉମା ଚରଣ ପାଣିଗ୍ରାହୀ, ବୁଟୀ ରାଓ ଦୋରା ଓ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା କ୍ରୀଡା ଶିକ୍ଷକଙ୍କ ଜୀବନୀ ଓ ବ୍ଲକ ସ୍ତରରେ କ୍ରୀଡାକ୍ଷେତ୍ରରେ ରହିଥିବା ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ଅତିଥିମାନଙ୍କ ଦାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ହର୍ଷ ବିଶୋଇ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ମଙ୍ଗୁଲୁ ଜେନା, ଭାଗିରଥି ବେହେରା ଓ ବିଶ୍ୱ ଜୀବନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ୩୦୦ ଦାସୁତ୍ତୁ ଭକ୍ତଙ୍କ ସୀମାଞ୍ଚଳମ୍ ଯାତ୍ରା


ଦାସୁତ୍ତୁ ଭକ୍ତଙ୍କୁ ସମ୍ମାନିତ କରାଯାଉଛି।

**ଛତ୍ରପୁର,୬।୧୧(ଡି.ଏନ୍.ଏ.)**

ବିଶ୍ୱଶାନ୍ତି, କଳାକାରଙ୍କ ମହାଯଜ୍ଞ ଲାଗି ଛତ୍ରପୁର ବ୍ଲକ କାଳିଆବାଲିସ୍ଥିତ ଘଡଘଡାପଲ୍ଲୀ ଶ୍ରୀଶ୍ରୀଲକ୍ଷ୍ମୀ ନୃସିଂହ କାମିନୀ ଦାସୁତ୍ତୁ ସତ୍ୟମ ସେବା ନୃତ୍ୟ କଳାକେନ୍ଦ୍ର (ଭାଗବତ ଗାଦି)ର ସଭାପତି ତଥା ଜୟଦେବ ପୁରସ୍କାର ପ୍ରାପ୍ତ ବଡଦାସୁତ୍ତୁ ନୃତ୍ୟଗୁରୁ ଆର୍. ସତ୍ୟମ ରେଡ୍ଡୀଙ୍କ ନେତୃତ୍ୱରେ ପ୍ରାୟ ୩୦୦ ଦାସୁତ୍ତୁ ଭକ୍ତ ସୀମାଞ୍ଚଳମ୍ ପୀଠକୁ ଯାତ୍ରା କରିଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପବିତ୍ର କାର୍ତ୍ତିକ ମାସରେ ପାରମ୍ପରିକ ରିତିନୀତି ଅନୁଯାୟୀ ସେବା କରିବା ପାଇଁ ସ୍ୱାମିନୀ ପୁଷ୍କରିଣୀ ଗଙ୍ଗାମାତାଙ୍କଠାରୁ କୋହଲା ଜାଳି ନୃତ୍ୟଗୀତ, ତାଳ ମୃଦଙ୍ଗ ଓ ଶଙ୍ଖ ବାଦ୍ୟ ମଧରେ ଯାଇଛନ୍ତି। ଦାସୁତ୍ତୁ ଭକ୍ତମାନେ ଗୋପାଳ ପାଟ୍ଟଣାମ୍‌ରେ ସେବା ପ୍ରଦାନ କରି ୯୯୯ ପାହାଚ ଚଢି ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ପୀଠରେ ପହଞ୍ଚିଥିଲେ। ଯାତ୍ରା ବେଳେ ପର୍ବତ ଶିଖରରେ ଥିବା ମାଳଧାରଣା ଗୁରୁ ରାଜୁ ସ୍ୱାମୀ ସେମାନଙ୍କୁ ସମ୍ମାନିତ କରିଥିଲେ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ବାର୍ଷିକୋତ୍ସବ

**ଭଞ୍ଜନଗର,୬।୧୧(ଡି.ଏନ.ଏ.)**

ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର ୩୦ତମ ବାର୍ଷିକୋତ୍ସବ ରବିବାର ବେଲଗୁଣ୍ଠା ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସଂଘର ଦାବି ପୂରଣ କରୁଛନ୍ତି ବୋଲି କହିଥିଲେ। ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ଦାବିକୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବୁ ବୋଲି ମନ୍ତ୍ରୀ କହିଥିଲେ। କର୍ମଚାରୀ ସଂଘ ବୈଠକକୁ ଆସି ମନ୍ତ୍ରୀ ଶିକ୍ଷକଙ୍କ ଗୁଣଗାନ କରିଥିବାରୁ ସଭା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସେହିଭଳି ନିମନ୍ତ୍ରଣ ପତ୍ରରେ ପ୍ରୋଟୋକଲ ଅନୁସାରେ ଅତିଥିମାନଙ୍କ ନାମ ନ ଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଉପାଧକ୍ଷା ପ୍ରମିଳା ପ୍ରଧାନ, ଏନ୍‌ଏସି ଅଧକ୍ଷ ଫିରୋଜ ସେଠୀ, ଏନଏସି ଉପାଧକ୍ଷା ଟି.ସବିତା କୁମାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସଂଘର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଘର ବିଭିନ୍ନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଏମ୍.ପର୍ଶୁରାମ ପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଦୟାନିଧି ପାଢ଼ୀ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଗ୍ରେଡ୍ ପେ ବୃଦ୍ଧି, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ, ଚାକିରି ସର୍ତ୍ତାବଳୀ ସହ ପୁରୁଣା ପେନସନ୍ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା । ସୁଦର୍ଶନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ବେଲଗୁଣ୍ଠା ଅଞ୍ଚଳର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।



ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ପ୍ରସ୍ତାବିତ ସେତୁ ନିର୍ମାଣକୁ ନେଇ ଅସନ୍ତୋଷ

## ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର

**ପାରଳାଖେମୁଣ୍ଡି,୬।୧୧(ଡି.ଏନ୍.ଏ.)**

ଗଜପତି ଜିଲା ବୋମିକା ପଞ୍ଚାୟତ ସାଇଲଡା ଗ୍ରାମାଞ୍ଚଳରେ ପ୍ରସ୍ତାବିତ ସେତୁ ନିର୍ମାଣ ପାଇଁ ଅସନ୍ତୋଷ ବୃଦ୍ଧିପାଇବା ସହ ଠିକ ସ୍ଥାନରେ ସେତୁ ନିର୍ମାଣ ପାଇଁ ଦାବି ହୋଇଛି । ଏନେଇ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଯନ୍ତ୍ରୀ କିଶୋରଚନ୍ଦ୍ର ଗୌଡଙ୍କୁ ପ୍ରଦାନ କରାଯାଇଛି। ସେମାନେ ଜଣାଇଛନ୍ତି ଯେ, ଗତ ମାସରେ ବିଭାଗୀୟ ଉଚ୍ଚ ପଦସ୍ଥ ଯନ୍ତ୍ରୀ ଓ କର୍ତ୍ତୃପକ୍ଷ ସାଇଲଡା ଗ୍ରାମାଞ୍ଚଳରେ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ ସହ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଏହାର କିଛି ଦିନପରେ ଉକ୍ତ ସ୍ଥାନରେ ବ୍ରିଜ ନିର୍ମାଣ ଲାଗି ବିଭିନ୍ନ ସରଞ୍ଜାମ ଆଣି ରଖାଯାଇଥିଲା। ହେଲେ ମୃତ୍ତିକା ପରୀକ୍ଷଣ ସ୍ଥାନରେ ପ୍ରସ୍ତାବିତ ସେତୁ ନିର୍ମାଣ ନ ହୋଇ ବର୍ତ୍ତମାନ ବାଟିସିରିପୁର-ବୋମିକା ମଧରେ ଥିବା ଅନ୍ୟ ଏକ ସ୍ଥାନରେ ପ୍ରସ୍ତାବିତ ସେତୁ ନିର୍ମାଣ ହେବାକୁ ଯାଉଛି। ଏହା ଜାଣିପାରି ସାଇଲଡା ଗ୍ରାମାଞ୍ଚଳରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ସେମାନେ ବିଭାଗୀୟ ଅଧିକାରୀଙ୍କ ସହ ଯୁକ୍ତି କରିଛନ୍ତି ଯେ, ବ୍ରିଜ ନିର୍ମାଣ ପାଇଁ ସମସ୍ତ ବୃତାନ୍ତ ହେବା ପରେ ମଧ କାହିଁକି ସ୍ଥାନ ବଦଳା ଗଲା, ବର୍ତ୍ତମାନ ବିଭାଗ ଯେଉଁଠାରେ ବ୍ରିଜ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ସେହି ସ୍ଥାନ ବାଟିସିରିପୁର ଚେକଡ୍ୟାମ ଅଞ୍ଚଳ ସହ ଜଳସଂରକ୍ଷିତ ଅଞ୍ଚଳ ଅଟେ। ଏଥିଦ୍ୱାରା ବ୍ରିଜ ନିର୍ମାଣ କ୍ଷେତ୍ରରେ ସମସ୍ୟା ଉପୁଜିବା ସହ ନିର୍ମାଣ ପରେ ଏହା ନଷ୍ଟ ହେବାର ସମ୍ଭାବନା ରହିଛି ବୋଲି ଚେତାଇବା ସହ ସାଇଲଡା ଗ୍ରାମ ନିକଟରେ ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି। ଯଦି ଦାବି ପୂରଣ ନହୁଏ ତେବେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବ କରାଯାଇ ରାଜରାସ୍ତାକୁ ଓହ୍ଲାଇବୁ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ହିଁ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ନିମନ୍ତେ ଗୋଷାଣୀ ବ୍ଲକର ପୂର୍ବତନ ଅଧକ୍ଷ ଏମ.ସୁଧାକର ରାଓ, ଏମ୍.ବାବୁରାଓ, ଲକ୍ଷ୍ମଣ ରେଡ୍ଡୀଙ୍କ ନେତୃତ୍ୱରେ ସାଇଲଡା ଗ୍ରାମାଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଉକ୍ତ ବ୍ରିଜ ନିର୍ମାଣ ପାଇଁ ବିଜୁ ସେତୁ ଯୋଜନାରେ ସାମିଲ କରି ୯କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଗତ ୧୮.୧୦.୨୦୨୨ରେ ବିଭାଗୀୟ ଉଚ୍ଚ ପଦସ୍ଥ କର୍ତ୍ତୃପକ୍ଷ ମୃତ୍ତିକା ପରୀକ୍ଷଣ ସହ କ୍ଷେତ୍ର ପରିଦର୍ଶନ କରିଥିଲେ।


ସ୍ମାରକପତ୍ର ପ୍ରଦାନ କରାଯାଉଛି।

**୬୦ କେଜି ଗଞ୍ଜେଇ ଜବତ, ୨ ଗିରଫ**

ଭଞ୍ଜନଗର,(ଡି ଏନ ଏ): ଭଞ୍ଜନଗର ପୋଲିସ ୬୦ କେଜି ଗଞ୍ଜେଇ ସହ ଏକ କାରକୁ ଜବତ କରିଛି। ଏହି ମାମଲାରେ ପଶ୍ଚିମବଙ୍ଗର ରଣା ଶେଖ ଏବଂ ସୁମନ ପ୍ରମାଣିକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଭଞ୍ଜନଗର ଏସଆଇ କେଶବ ଷଡଙ୍ଗୀ ଭଞ୍ଜନଗର ଫୁଲବାଣୀ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଏକ କାରରେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଧରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲେ। ପୋଲିସ ନିଶ୍ଚିଆପଲ୍ଲୀ ଛକରେ ସନ୍ଦେହରେ ଗାଡିକୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା।

## ସଂକ୍ଷେପରେ

### ରାଉଳ ନଦୀରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ କଲେ ପରିବାର**

ତୁମୁଡିବନ୍ଧ,୬।୧୧(ଡି.ଏନ.ଏ.)-ତୁମୁଡିବନ୍ଧ ଥାନା ଅନ୍ତର୍ଗତ ରାଉଳ ନଦୀରୁ ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ସେ ହେଲେ ହେଲେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ରେଗେଡା ଗ୍ରାମର କିଶୋର ଭୋଇ। ମୃତ କିଶୋରଙ୍କ ବଡ଼ ଭାଇ ଅମରସିଂ ଭୋଇଙ୍କ ଲିଖିତ ଅଭିଯୋଗ ଅନୁସାରେ କିଶୋର ୧୦ ବର୍ଷ ହେବ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଯମୁନାପୁର ଗ୍ରାମର ଖୀରସିନ୍ଧୁ ଭୋଇଙ୍କ ସହିତ ମିଶି ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଗତ ମାସ ୩୧ ତାରିଖରେ ଗ୍ରାମକୁ ଆସି କିଶୋରକୁ କନ୍ଧମାଳ ଜିଲା ତୁମୁଡିବନ୍ଧ ଜଲେଶପଙ୍ଗା ଓଡିଶା ଆଦର୍ଶ ବିଦ୍ୟାଳୟଠାରେ କୋଠା ଗୃହ ନିର୍ମାଣ କାର୍ଯ୍ୟ କରାଯିବ କହି ଡାକି ନେଇଥିଲେ। ରବିବାର ଖୀରସିନ୍ଧୁ ଫୋନ ଯୋଗେ ତୁମ ଭାଇର ମୃତଦେହ ନଦୀରେ ଭାସୁଛି ବୋଲି କହିଥିଲେ। ପରିବାର ଲୋକେ ପହଞ୍ଚି କିଶୋରଙ୍କ ମୃତଦେହ ଦେଖିଥିଲେ। ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ନାକରୁ ରକ୍ତ ବାହାରୁଥିବାରୁ ଏହା ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୮୯/୨୨ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛନ୍ତି ତୁମୁଡିବନ୍ଧ ଥାନା ଅଧିକାରୀ ଜୟନ୍ତ କୁମାର ସେଠୀ।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ୩ ଗୁରୁତର

ଦିଗପହଣ୍ଡି,୬।୧୧(ଡି.ଏନ.ଏ.): ଦିଗପହଣ୍ଡି-ଆସିକା ରୋଡ ସ୍ଥିତ ସନ୍ଥ ନିରାକାରୀ ସତ୍‌ସଙ୍ଗ ନିକଟରେ ରବିବାତ୍ର ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଦିଗପହଣ୍ଡି ସାହାଣୀ ସାହିର ୩ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସିମା ଦାସ, ଶିବ ଦାସ ଓ ଦିଲ୍ଲୀ ଦାସ। ଏମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦିଗପହଣ୍ଡି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁସନ୍ଧାନ ଚଳେଇଛନ୍ତି। ଏତଲା ମିଳିବା ପରେ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି କହିଛନ୍ତି। ଘଟଣାର କାରଣ ସମ୍ପର୍କରେ ମିଳିନଥିଲେ ମଧ ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ପୂର୍ବ ଶତ୍ରୁତା ଆଜିର ସଂଘର୍ଷର ମୁଖ୍ୟ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ପ୍ରକାରେ ସାହାଣୀ ସାହିର କାଳୀ ମନ୍ଦିରର ଉନ୍ନୟନ କାର୍ଯ୍ୟ ପାଇଁ ସୀମା, ଶିବ ଓ ଦିଲ୍ଲୀଙ୍କ ସମେତ ୫/୬ ଜଣ ଯୁବକ ଚକାତେନ୍ତୁଳି ନିକଟରେ ଥିବା ଏକ କୁକୁଡାଫାର୍ମ ମାଲିକଙ୍କ ପାଖକୁ ସହଯୋଗ ପାଇଁ ଯାଇଥିଲେ। ସେଠାରେ ପୋଡାମାରୀ ସମେତ ବିଭିନ୍ନ ସ୍ଥାନକୁ ଯାଇ ସନ୍ଧ୍ୟାରେ ଫେରୁଥିବା ବେଳେ ଦିଗପହଣ୍ଡି ସନ୍ଥ ନିରାକାରୀ ସତ୍‌ସଙ୍ଗ ଗୃହଠାରେ ପୂର୍ବ ଯୋଜନାବଦ୍ଧ ଭାବେ ୧୦/୧୫ ଯୁବକ ଲୁହା ରଡ୍‌ରେ ଏମାନଙ୍କ ଉପରେ ଆକ୍ରମଣ କରିଥିଲେ।

# ଦୁଇ ସ୍ୱୟଂ ସହାୟିକା ଗୋଷ୍ଠୀ ମୁହାଁମୁହିଁ

**ବିଦ୍ୟାଳୟ ମଧ୍ୟାହ୍ନଭୋଜନ ରୋଷେଇ ବିବାଦ**

ଆର.ଉଦୟଗିରି,୬।୧୧(ଡି.ଏନ.ଏ.)

ମୋହନା କଣ୍ଟେଇକୋଲି ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ରୋଷେଇକୁ ନେଇ ଦୁଇ ସ୍ୱୟଂ ସହାୟିକା ଗୋଷ୍ଠୀ ବିବାଦରୁ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ଆଦିବାସୀ ମହିଳାଙ୍କ ଦ୍ୱାରା ୨୦୦୬ରୁ ଗଠିତ ଜୀବନ ଉକରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିଲା। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ମିଶନ ରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ୨୦୨୦ରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୨ ଅକ୍ଟୋବରରେ ବିଇଓ କାର୍ଯ୍ୟାଳୟରେ ଏକ ଚୁକ୍ତିନାମା ସହ ଏକ ବ୍ୟାଙ୍କରେ ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୩୭ହଜାର ୧୬୮ ଟଙ୍କା ଜମା କରାଯାଇଥିଲା। ଗତ ଅକ୍ଟୋବର ୧୯ରେ ମିଶନ ରାଣୀ ଗୋଷ୍ଠୀର ମହିଳାମାନେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବାକୁ ସାମାଗ୍ରୀ ନେଇ ଯାଇଥିବା ବେଳେ ଜୀବନ ଉକରା ଗୋଷ୍ଠୀର ସଭ୍ୟାମାନେ ତାଙ୍କୁ ସୁଯୋଗ ନ ଦେବାରୁ ଉତ୍ତେଜନା ଦେଖାଦେଇଥିଲା। ଏହା ଜାଣିବା ପରେ ଶିକ୍ଷା ପରିଚାଳନା କମିଟି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷୟତ୍ରୀ ମଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ନିର୍ବାହ କରିବେ ବୋଲି କହିଥିଲେ। ତଥାପି ଜୀବନ ଉକରା ଗୋଷ୍ଠୀ ସଭ୍ୟା ରୋଷେଇ କରି ବିଦ୍ୟାର୍ଥୀଙ୍କୁ ଖାଦ୍ୟ ଦେଉଥିଲେ। ଶନିବାର ମିଶନ ରାଣୀ ସହାୟିକା ଦଳ ମଧ୍ୟାହ୍ନଭୋଜନ ସାମାଗ୍ରୀ ନେଇ ବିଦ୍ୟାଳୟରେ ପହଞ୍ଚିବାରୁ ପୁଣି ଦୁଇ ଗୋଷ୍ଠୀ ଯୁକ୍ତିତର୍କ ହୋଇଥିଲେ। ବିଇଓ ଦେବଦାସ ତାମରାପୁ ବିଦ୍ୟାଳୟରେ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଉଭୟ ଗୋଷ୍ଠୀ ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ)ଙ୍କୁ ଘଟଣା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏ ସମ୍ପର୍କରେ ସିଡିପିଓ ଲଳିତା ମଲ୍ଲିକ ଅନ୍ୟ ଅଧିକାରୀ ସହ ବିଦ୍ୟାଳୟକୁ ଯାଇ ସମସ୍ତ ଘଟଣାର ତଦନ୍ତ ପରେ ମଙ୍ଗଳବାର ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ରଷିକୁଲ୍ୟା ନଦୀବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ

ଗଞ୍ଜାମ,୬।୧୧(ଡି.ଏନ.ଏ.)



ରଷିକୁଲ୍ୟା ନଦୀବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ।

ଗଞ୍ଜାମ ସହରଠାରୁ ମାତ୍ର କିଛି ଦୂରରେ ରହିଛି ରଷିକୁଲ୍ୟା ନଦୀ। ସେଠାରେ ନଦୀବନ୍ଧ ପଥର ବାଜ ନିର୍ମାଣ ନିମନ୍ତେ ଦାମୋଦରପୁର ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନ ହେବ ଦାବି କରି ଆସୁଥିଲେ। ଏ ନେଇ ବିଧାୟକ ସୁବାସ ଚନ୍ଦ୍ର ବେହେରା ଗତ ବିଧାନସଭାରେ ଉକ୍ତ ବିଷୟ ଉପସ୍ଥାପନା କରିଥିଲେ। ଯାହା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ରବିବାର ବିଧାୟକ ବେହେରା ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ଏକ କୋଟି ୬୭ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଟଙ୍କାରେ ୮୪୦ ମିଟର ଲମ୍ବ ରଷିକୁଲ୍ୟା ବ୍ରିଜଠାରୁ ରେଲୱେ ବ୍ରିଜ ଯାଏ ଏକ ପଥର ବାଜ ବନ୍ଧ ନିର୍ମାଣ ହେବ। ଏଥିସହ ତିନୋଟି ଗାଧୁଆ ତୋଠ ମଧ ନିର୍ମାଣ ହେବ। ଏହି ପଥର ବାଜ ବନ୍ଧ ନିର୍ମାଣ ହେବା ଦ୍ୱାରା ବିଶେଷକରି ଦାମୋଦରପୁର ଗ୍ରାମ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇପାରିବ। ଏହି ଭିତ୍ତି ପ୍ରସ୍ତର ବେଳେ ବିଜେଡି ଏନଏସି ଯୁବନେତା ସୁଧିର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ପୂର୍ବତନ ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, କାଉନସିଲର ପ୍ରତିନିଧି ଅରୁଣ ମହାନ୍ତି, ଚନ୍ଦ୍ର ଶେଖର ରେଡ୍ଡୀ, ରିତାଦେବୀ ମହାରଣା, ଯୁବନେତା ଜିତୁ ପଣ୍ଡାଙ୍କ ସମେତ ରଷିକୁଲ୍ୟା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାହାକ, ଛତ୍ରପୁର ସହକାରୀ ଯନ୍ତ୍ରୀ ନଳିନୀ କାନ୍ତ ପଟ୍ଟନାୟକ, ବିଜେଡି ଯୁବତ ନେତା ବିଭୁତି ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲିଲା ଅଟୋନଗର ଓଭରବ୍ରିଜ୍

**ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନର ଆଲୋଚନା**

ଗୋପାଳପୁର,୬।୧୧(ଡି.ଏନ.ଏ.)

ଦୀର୍ଘଦିନ ପରେ ୧୬ନଂ ଜାତୀୟ ରାଜପଥ ଅଟୋନଗର ଓଭରବ୍ରିଜ୍ ଖୋଲାଯାଇଛି। ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିଲା। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରବିବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଠିକାଦାର, ପୋଲିସ ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପୂର୍ବାହ୍ନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ, ଠିକା ସଂସ୍ଥାର ଅଧିକାରୀ, ହଳଦିଆପଦର ସରପଞ୍ଚ ଦଣ୍ଡ ବେହେରା ଓ ସମିତିସଭ୍ୟ କେ.ପ୍ରବୀଣ କୁମାର, ଶିଶିର ଦାଶ, ରାଧାକାନ୍ତ ଶତପଥୀ ମିଶି ଦୁର୍ଘଟଣା କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଭରବ୍ରିଜ୍‌ରୁ ତଳକୁ ଖସିବା ବେଳେ ହଳଦିଆପଦର ଗ୍ରାମ ମୁହଁରେ ବ୍ୟାରିକେଟ ବ୍ୟବସ୍ଥା, ଓଭରବ୍ରିଜ ଉଭୟ ପାର୍ଶ୍ୱ ରାସ୍ତାର ମରାମତି, ଆଲୋକୀକରଣ ଓ ଗ୍ରାମ ମୁହଁରେ ଥିବା ରାସ୍ତାକୁ ପ୍ରଶସ୍ତିକରଣ, ଚଲାପଥ ଓ ଟ୍ରାଫିକ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି କନିଷି ହାଟ ଛକ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଇଥିଲା। ସୂଚନାଥାଉକି, ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହଳଦିଆପଦର ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ଦାବି ପୂରଣ ହୋଇଛି।

# ନୂଆସାହି ଚର୍ଚ୍ଚରେ ବିଶ୍ୱ ସଣ୍ଡେ ସ୍କୁଲ୍ ଦିବସ

ଜି.ଉଦୟଗିରି,୬।୧୧(ଡି.ଏନ.ଏ.)

ଜି,ଉଦୟଗିରି ନୂଆସାହି ବାପଟିଷ୍ଟ ଚର୍ଚ୍ଚଠାରେ ରବିବାର ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଣ୍ଡଳୀର ଉପସଭାପତି ପ୍ରଶାନ୍ତ କୁମାର ଦାସ ପ୍ରାର୍ଥନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସଣ୍ଡେ ସ୍କୁଲ ଶିକ୍ଷୟିତ୍ରୀ ସଂଯୁକ୍ତା ନାୟକ ସଣ୍ଡେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଇବଲ ମୁଖସ୍ତ ପଦ ଓ ନୃତ୍ୟ ଗୀତ ପରିବେଷଣ କରାଇଥିଲେ। ଝରଣା ନାୟକ ସଣ୍ଡେ ସ୍କୁଲ୍ ଛାତ୍ରୀଛାତ୍ରମାନଙ୍କର ଅଭିଭାବକ ମାନଙ୍କ ନିମନ୍ତେ କିଛି ବାର୍ତ୍ତା ରଖିଥିଲେ। ସଣ୍ଡେ ସ୍କୁଲ ଶିକ୍ଷୟତ୍ରୀ ଈଶ୍ୱରଙ୍କ ବାକ୍ୟ ପଠନ କରିଥିଲେ। ଚର୍ଚ୍ଚର ମୁଖ୍ୟ ପାଳକ ପ୍ରଦୀପ କୁମାର ନାୟକ ଈଶ୍ୱରଙ୍କ ବାକ୍ୟ ପ୍ରକାଶ କରିଥିଲେ। ସଣ୍ଡେ ସ୍କୁଲ୍ ପିଲାମାନଙ୍କ ନିମନ୍ତେ ଆବଶ୍ୟକ ବିଷୟ ଯେ ସେମାନେ ପିତାମାତାଙ୍କର ଆଜ୍ଞାଧିନ ହେବା ସହିତ ଓ ସତ୍‌ମାର୍ଗରେ ଚାଲିବେ ବୋଲି କହିଥିଲେ। ସଣ୍ଡେ ସ୍କୁଲ ଶିକ୍ଷକ ଚେତନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଣ୍ଡେ ସ୍କୁଲ୍ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ପାରିବାରିକ ଗଣ୍ଡଗୋଳରେ ୫ କୋର୍ଟଚାଲାଣ

ଗୋପାଳପୁର,୬।୧୧(ଡି.ଏନ.ଏ.)

ଗତ ୨ତାରିଖ ରାତିରେ ଗୋପାଳପୁର ଥାନା ଅଧିନସ୍ଥ ଡୁରା ଗ୍ରାମରେ ଗୋଟିଏ ପରିବାରର ମାମୁଁ ଭଣଜାଙ୍କ ମଧ୍ୟରେ ମାରପିଟ ଘଟଣାରେ ପୋଲିସ ରବିବାର ୫ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡୁରା ନଡ଼ିଆ ତୋଟା ସାହିର କାଳିଆ ଗୌଡ଼, ଜଗେନ୍ଦ୍ର ଗୌଡ଼, ଡୁରା ମୁକ୍ତେଶ୍ୱର ମନ୍ଦିର ସାହିର ରିଣ୍ଟୁ ମହାକୁଡ଼, ସନ୍ତୋଷ ମହାକୁଡ଼, ସୁଶାନ୍ତ ମହାକୁଡ଼। ଉଭୟଙ୍କଠାରୁ ଗୋଟିଏ ଠେଙ୍ଗା, ଗୋଟିଏ ଖଣ୍ଡା ଜବତ କରିଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ଖବର ଅନୁସାରେ, ଡୁରା ଗ୍ରାମରେ ଗତ ୨ ତାରିଖ ରାତିରେ କୌଣସି କାରଣକୁ ନେଇ ମାମୁ ଓ ଭଣଜାଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଠେଙ୍ଗା ଓ ଖଣ୍ଡାରେ ଉଭୟଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଉଭୟ ପରିବାରର ୫ଜଣ ଆହତ ହୋଇ ସ୍ଥାନୀୟ ମେଡ଼ିକାଲରେ ଚିକିତ୍ସାଧିନ ଥିଲେ। ଏ ନେଇ ୩ ତାରିଖରେ ଭଣଜା ରିଣ୍ଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୨୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ୫ ତାରିଖରେ ମାମୁଁ ଜଗେନ୍ଦ୍ରଙ୍କ ଅଭିଗୋ କ୍ରମେ ପୋଲିସ ନଂ. ୨୨୮/୨୨ରେ ଏକ ମାମଲା ରୁଜୁ କରି ଉଭୟ ପରିବାରର ୫ଜଣଙ୍କୁ ଗିରଫ କରିଥିଲା।

## ଠାକୁର କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଆରମ୍ଭ

ବୁଗୁଡା,୬।୧୧(ଡି.ଏନ.ଏ.)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ କେନାଲ ସାହିରେ ସାହି ବାସିନ୍ଦାଙ୍କ ପକ୍ଷରୁ ଠାକୁର କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଉକ୍ତ ଉତ୍ସବରେ ପୁରୋହିତ ଭାବେ ଦୀପକ ଦାଶ ଓ ଗିରୀଶ କୁମାର ଦାଶ ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ଦାଶ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ ଆକର୍ଷଣୀୟ ମେଢ ଦେଖିବାକୁ ଆଖପାଖ ଅଞ୍ଚଳର ଲୋକେ ସେଠି ଭିଡ ଜମାଉଥିବା ବେଳେ ଠାକୁରଙ୍କ ସନ୍ଧ୍ୟା ଆଳତି ସମୟରେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳୁଛି।

## ଘୁମୁସର ଲେଖିକା ସଂସଦର ବୋଇତ ବନ୍ଦାଣ





ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର,୬।୧୧(ଡି.ଏନ୍.ଏ.)

ଘୁମୁସର ଲେଖିକା ସଂସଦର ବୋଇତ ବନ୍ଦାଣ ଉତ୍ସବ ରବିବାର ଭଞ୍ଜନଗର ଜଳଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବେଲେଶ୍ୱର ପୀଠରେ ବୋଇତ ବନ୍ଦାଣ ଉପରେ ଏକ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ସଭାନେତ୍ରୀ ରୀତାରାଣୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ନଳିନୀ ପ୍ରଭା ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷା ରଶ୍ମିତା ସାହୁ, ମୋନାଲିସା ମିଶ୍ର, ରୁନୁବାଳା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## କେନ୍ଦ୍ର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ମନ୍ତ୍ରୀଙ୍କ ଗହଣରେ ଭାଜପା ନେତୃବୃନ୍ଦ।

ଆସିକା,୬।୧୧(ଡି.ଏନ୍.ଏ.)

କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ରବିବାର ଆସିକା ପିଏନବି ଛକ ନିକଟରେ ଭାଜପା କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତି, ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସ, ନାରାୟଣ ବେହେରା, ରବିନ୍ଦ୍ରନାଥ ପୋଲାଇ, ପ୍ରଶାନ୍ତ କୁମାର ଚର୍ଚ୍ଚି, ନିଳମଣି ବିଷୋୟୀ, ପ୍ରଦ୍ୟୁମ୍ନ ନାୟକ, ରଞ୍ଜନ ପୋଲାଇ, ଡାକ୍ତର ଶ୍ୟାମଘନ ବିଶ୍ୱାଳ, ଶ୍ରୀନିବାସ ଭଞ୍ଜ, ଦୁର୍ଗାଚରଣ ପଟ୍ଟନାୟକ, ପ୍ରଭାକର ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ମନ୍ତ୍ରୀ ଟୁଡୁ ଆସିକା ବ୍ଲକର ନିମିନା ଗ୍ରାମରେ ଜଣେ ଆତ୍ମୀୟଙ୍କ ଦ୍ୱାଦଶାହରେ ଯୋଗଦେବା ଲାଗି ଆସିଥିଲା ବେଳେ ଦଳିୟ କର୍ମୀଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧନା ପରେ ସେ ନିମିନା ଗ୍ରାମକୁ ଯାଇଥିଲେ ।

## ଆଇନ ସେବା ପ୍ରାଧିକରଣର ଆଇନ ସେବା ଶିବିର





ପାରଳାଖେମୁଣ୍ଡି,୬।୧୧(ଡି.ଏନ୍.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲା ପ୍ରଶାସନର ସହଯୋଗରେ ରବିବାର ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ଯୋଇଯାଇଛି। ଏଥିରେ ଗଜପତି ଜିଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନର ସଚେତନତା ସମାଜକୁ କିପରି ତୃଣମୂଳ ସ୍ତରରୁ ଉନ୍ନତି ଆଣିବାରେ ସହାୟକ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରବିନାରାୟଣ ବେହେର ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ସିଜେଏମ୍ ମାନସ କୁମାର ପଣ୍ଡା, ସିଜେଏସଡି ସନ୍ତୋଷ କୁମାର ଅଗ୍ରୱାଲ,ଏସଡିଜେଏମ ବର୍ଷା ସର୍ମା, ଜେଏମ୍‌ଏସ୍‌ସି ଶୁଭଜିତ୍ ବେହେରା, ଉପ ଜିଏପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଶିବିରରେ ୬୦୦ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ସହ କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

## ମା’ ଶୁଦ୍ଧିକ୍ରିୟା ପାଇଁ ସହଯୋଗ କଲେ ସାମାଜିକ କର୍ମୀ



ଟ୍ରଷ୍ଟ ପକ୍ଷରୁ ଅନାଥ ଭାଇ ଭଉଣୀଙ୍କୁ ସହାୟତା।

ଜଗନ୍ନାଥପ୍ରସାଦ,୬।୧୧(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ଚଢିଆପଲ୍ଲୀ ଗ୍ରାମ ପଞ୍ଚାୟତ ଯାତ୍ରାକୁମୁଟି ଗ୍ରାମର ଚାରି ଅନାଥ ଝିଅ ଓ ପୁଅଙ୍କ ମା’ ସୁଷମାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଶନିବାର ଚାଉଳ ୧୦୦ କେଜି ସହିତ ସମସ୍ତ ରାଶନ ସାମଗ୍ରୀ, ଶୀତ ବସ୍ତ୍ର ଓ ଆର୍ଥିକ ଆକାରରେ ତିନି ହଜାର ଟଙ୍କା ପ୍ରଦାନ କରିଛନ୍ତି। ୮ ବର୍ଷ ପୂର୍ବରୁ ବାପା ସନ୍ୟାସୀ ନାଇକଙ୍କ ମୃତ୍ୟୁ ଘଟିଥିଲା। ଗତ ଅକ୍ଟୋବର ୨୬ରେ ମା’ ସୁଷମାଙ୍କ ଜଣ୍ଡିସରେ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ବେସାହାରାରେ ଭାଇ ଓ ଭଉଣୀ। ମୁରବି କହିଲେ ଘରେ

**ଅନାଥ ଭଉଣୀ ଭାଇ**

୧୬ ବର୍ଷୀୟ ଭଉଣୀ ରୁବିନା। ସାନ ଭାଇ ଭଉଣୀ ନିରଞ୍ଜନ, ରଚନା, ବିଲୁଙ୍କ ପାଇଁ ସରକାରୀ ଯୋଜନା କେବେ ମିଳିବ ସେ ନେଇ ଗ୍ରାମବାସୀ ଚିନ୍ତାରେ। ସୁଷମାଙ୍କ ମୃତ୍ୟୁ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଦେଶ ନାଇଜେରିଆ ସହରରେ ଥିବା ବିନୋଦ ବିହାରୀ ପାତ୍ର ୫୦୦୦ ଟଙ୍କା ସହଯୋଗ କରିଥିବା ବେଳେ ସଭାପତି ସଞ୍ଜୟ ପ୍ରଧାନ, ଆଲୋକ ପଟ୍ଟନାୟକ, ବିଦେଶୀ ପ୍ରଧାନ, କାହ୍ନୁ ପ୍ରଧାନ, ବାବୁଲା ଗୌଡ଼, ପ୍ରମୋଦ ଗୌଡ଼, ସୁଶୀଲ ପ୍ରଧାନ ମଧ ସହଯୋଗର ହାତ ବଢ଼ାଇଥିଲେ।

# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
- ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା



ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

ଆମେ ‘ବଢ଼େଇ’ ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇୟେ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ। ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଢ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଡିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ’ଣ ମୁଁ ଜାଣି ନାହିଁ। ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା’ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ ‘ମହାରଣା’ କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ ‘ବଢ଼େଇ’ ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ ‘ବଢ଼େଇ’ କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଳିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, ‘ପଥୁରିଆଣୀ’ ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।

## ଆଜି କ'ଣ କେଉଁଠି

ଦାରିଙ୍ଗବାଡି

- ମାଣ୍ଡିଆ ଦିବସ ପାଇଁ ସଚେତନ ରଥର ଉଦ୍‌ଘାଟନ। ସ୍ଥାନ –ବ୍ଲକ କାର୍ଯ୍ୟାଳୟ, ସମୟ –ପୂର୍ବାହ୍ନ ୧୦ଟା

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ ଦାବି

ବ୍ରହ୍ମପୁର ଅଫିସ୍,୬।୧୧

ଠିକା କର୍ମଚାରୀଙ୍କ ପରି ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ଦାବି ନେଇ ରବିବାର ଗଞ୍ଜାମ କଳା ପରିଷଦ ଠାରେ ଓଡିଶା ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗଣେଶ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ଗଞ୍ଜାମ କଳା ପରିଷଦ ଠାରେ ପହଞ୍ଚିଥିଲା। ମହାସଂଘର ଜିଲା ସଭାପତି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଶ୍ରମିକନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଅବସରପ୍ରାପ୍ତ କର୍ମଚାରୀ ନେତା କେ. ନାନ୍ଦେଶୁ ସେନାପତି, ସମାଜିକ କର୍ମୀ ଅଜିତ ସ୍ୱାମୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର ନିକଟରେ ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରିବା ସହ ଠିକାପ୍ରଥା ଉଠାଗଲା ବୋଲି ଯେଉଁ ଘୋଷଣା କରିଛନ୍ତି ତାହା ପ୍ରତାରଣାପୂର୍ଣ୍ଣ ବୋଲି ସଂଘ ଅଭିଯୋଗ କରିଛି। ସରକାର ନିଜ ଦ୍ୱାରା ସିଧାସଳଖ ଭାବେ ଠିକାରେ ନିଯୁକ୍ତ ମାତ୍ର ୫୭ ହଜାର କର୍ମଚାରୀଙ୍କୁ ନିୟମିତ କରିଥିବା ବେଳେ ସର୍ଭିସ ପ୍ରୋଭାଇଡର ଏଜେନ୍ସିଙ୍କ ଜରିଆରେ ଠିକାରେ ନିୟୋଜିତ ଲକ୍ଷାଧିକ କର୍ମଚାରୀଙ୍କୁ ଏଯାଏ ନିୟମିତ କରିନାହାନ୍ତି। ସରକାରଙ୍କ ଠିକା ନିଯୁକ୍ତି ନିୟମ ୨୦୧୩ର ଧାରା ୪ ଅନୁସାରେ ସରକାରୀ ସେବାରେ ଦୁଇ ପ୍ରକାର ଠିକା କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିମଧ୍ୟରୁ କେବଳ 'କ'ଶ୍ରେଣୀର ଠିକା କର୍ମଚାରୀ ରୂପେ ପରିଚିତ କର୍ମଚାରୀଙ୍କୁ ହିଁ ନିୟମିତ କରିଛନ୍ତି। କିନ୍ତୁ 'ଖ'ଶ୍ରେଣୀର ଠିକା କର୍ମଚାରୀ ରୂପେ ପରିଚିତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ ନିୟମିତ କର୍ମଚାରୀଙ୍କ ଭଳି ମହିଳା ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ପ୍ରସୂତିକାଳୀନ ଛୁଟିରୁ ବଞ୍ଚିତ ହେଉଥିବା ବେଳେ ପ୍ରତି ମାସରେ କର୍ମଚାରୀଙ୍କ ଦରମାରୁ ୧୮% କେବଳ ଜିଏସଟି କାଟି ନିଆଯାଉଛି। ଏଣୁ ନିୟମିତ କର୍ମଚାରୀଙ୍କ ଠାରୁ ବି ଅଧିକ କାମ କରୁଥିବା ଏହି କର୍ମଚାରୀଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଠିକା ପରି ଆଉଟସୋର୍ସିଂ ବ୍ୟବସ୍ଥାକୁ ମଧ୍ୟ ସମାପ୍ତ କରିବା ଜରୁରୀ ବୋଲି ସଂଘ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଶାନ୍ତ ମହାରଣାଙ୍କ ସମେତ ଜିଲା ସଭାପତି ବିଜୟ କୁମାର ମଲ୍ଲିକ, ଉପସଭାପତି ଜୟରାମ, ସମ୍ପାଦକ ବିନାୟକ ପତି ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ, ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୬।୧୧:** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ରଘୁନାଥପୁରର ସନ୍ତୋଷ କୁମାର ଗନ୍ତାୟତ। ରବିବାର ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶରେ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସନ୍ତୋଷ ୨୦୧୨ ଫେବୃୟାରୀ ୪ରେ ବୈଦିକ ରୀତିରେ ବିବାହ କରିଥିଲେ ମଧ୍ୟ କିଛିବର୍ଷ ପରେ କୌଣସି ଏକ କାରଣକୁ ନେଇ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମହିଳା ଜଣଙ୍କ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସନ୍ତୋଷ ସେଠାରେ ପହଞ୍ଚି ସ୍ତ୍ରୀଙ୍କ ଚୁନୁରିରେ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଅଫିସ କର୍ମଚାରୀ ସନ୍ତୋଷଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ପରେ ସ୍ତ୍ରୀ ମହିଳା ଥାନାକୁ ଅଭିଯୋଗ କରିବା ପାଇଁ ଯାଉଥିବା ବେଳେ ତାଙ୍କ ଉପରେ ଗାଡ଼ି ଚଢାଇ ହତ୍ୟା ଉଦ୍ୟମ କରିଥିଲେ ବୋଲି ଥାନାରେ ଏତଲା ହୋଇଥିଲା। ପୋଲିସ ନଂ.୨୧୦/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଥିଲା।

## ମହିଳାଙ୍କ ସୁନାହାର ଝାମ୍ପିନେଲେ

**ବ୍ରହ୍ମପୁର ଅଫିସ,୬।୧୧:** ଟାଉନ ଥାନା ଅନ୍ତର୍ଗତ ବିଜିପୁରରେ ଜଣେ ମହିଳାଙ୍କ ବେକରୁ ୨ ଲୁଟେରା ସୁନାହାର ଝାମ୍ପି ନେଇଛନ୍ତି। ଏନେଇ ଅଭିଯୋଗ ପରେ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ପ୍ରୟାସ କରୁଛି। କାମ୍ପସାହିର କେ. ଅଶ୍ୱିନୀ ଓ ତାଙ୍କ ସ୍ୱାମୀ କେ. ଜନାର୍ଦ୍ଦନ ରାଓ ଶୁକ୍ରବାର ରାତିରେ ବିଜିପୁର ସନ୍ତୋଷୀମା' ମନ୍ଦିରକୁ ଯାଇଥିଲେ। ଦର୍ଶନ ସାରି ଅଶ୍ୱିନୀ ରାସ୍ତା ଉପରେ ଠିଆ ହୋଇଥିବା ବେଳେ ଗୋଟିଏ ବାଇକରେ ଦୁଇ ଯୁବକ ଆସି ସେଠାରେ ପହଞ୍ଚିଥିଲେ। ସେମାନେ ଅଶ୍ୱିନୀଙ୍କୁ ଧକ୍କା ମାରି ତାଙ୍କ ବେକରୁ ଅଢେଇ ଭରି ଓଜନର ଏକ ସୁନା ହାର ଝାମ୍ପି ନେଇଥିଲେ। ସ୍ତ୍ରୀଙ୍କ ପାଟି ଶୁଣି ଜନାର୍ଦ୍ଦନ ଲୁଟେରାଙ୍କ ପିଛା କରିଥିଲେ ମଧ୍ୟ ଧରିପାରିନଥିଲେ। ଜନଗହଳିପୂର୍ଣ୍ଣ ବିଜିପୁର ଛକରୁ ଲୁଟେରା ଚମ୍ପଟ ମାରଇଥିଲେ। ଏ ନେଇ ଥାନାରେ ଅଭିଯୋଗକ୍ରମେ ନଂ. ୩୨୧/୨୨ ରେ ଏକ ମାମଲା ରୁଜୁ ହୋଇଛି।

## ଯୁବକଙ୍କୁ ଆକ୍ରମଣ କରି ଲୁଟ

**ବ୍ରହ୍ମପୁର ଅଫିସ,୬।୧୧:** ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଛକରେ ସାଗର ପଣ୍ଡା ନାମକ ଜଣେ ଯୁବକଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ସାଗର ଶୁକ୍ରବାର ଶ୍ୱଶୁର ଘର ଆଙ୍କୁଶପୁର ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ଶନିବାର ଭୋରରେ ଗେଟବଜାର ଦେଇ ଗୋଷାଣିନୂଆଗାଁ ଫେରୁଥିଲେ। ଗେଟବଜାର ଛକରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଝଗଡ଼ା କରିଥିଲେ। ପରେ ତାଙ୍କୁ କାତିରେ ଆକ୍ରମଣ କରିବା ସହ ପକେଟରୁ ୧୭ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ ବୋଲି ଥାନାରେ ସାଗର ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ୩୨୨/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ୍,୬।୧୧:** ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ତଥା ସମାଜିକ କର୍ମୀ ବିପ୍ରଚରଣ ପାତ୍ରଙ୍କ ଦ୍ୱାଦଶ ଅବସରରେ ଗୀତା ଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଗଞ୍ଜାମ ଜିଲା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ସଭାପତି ଡ଼ ସୁବ୍ରତ କୁମାର ସାହୁ, ଉପସଭାପତି ଡ଼ ବନମାଳୀ ପାଣିଗ୍ରାହୀ, ଡା. ନକୁଳ ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସିନିୟର୍ ସିଟିଜେନ ଫୋରମ ସାଧାରଣ ସମ୍ପାଦକ ସୀମାଞ୍ଚଳ ବିଷୋୟୀ, ଅର୍ଜୁନ ହସ କ୍ଲବର ଇଂ. କିଶୋର ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ସ୍ୱର୍ଗତ ପାତ୍ରଙ୍କ ସ୍ତ୍ରୀ ଉମାମଣି ପାତ୍ର, ପୁଅ ପ୍ରବୀର ଓ ପ୍ରଦୀପଙ୍କ ସମେତ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା ନୃତ୍ୟ, ସଙ୍ଗୀତ ଉତ୍ସବ 'ରଙ୍ଗବତୀ' ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୬।୧୧

ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଗଞ୍ଜାମ ଜିଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ରବିବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ୨ ଦିନିଆ ପଶ୍ଚିମ ଓଡିଶା ନୃତ୍ୟ ସଙ୍ଗୀତ ଉତ୍ସବ 'ରଙ୍ଗବତୀ' ଉଦଘାଟିତ ହୋଇଯାଇଛି। ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଜିଲା ସଂସ୍କୃତି ଅଧିକାରୀ ଜିତେନ୍ଦ୍ର କୁମାର ପରିଡ଼ା, ସଂଗୀତ ନାଟକ ଏକାଡେମୀ ସଦସ୍ୟ ଅନୀଲ କୁମାର ପାତ୍ର, ଆଲୋକ ବିଶୋୟୀ ଓ ବରିଷ୍ଠ ସାହିତ୍ୟିକ ମେଜର ରମା ରମଣ ପାଢି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରାଜ୍ୟର ସାଂସ୍କୃତିକ ଭାବ ଆଦାନ ପ୍ରଦାନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ଓଡିଶାର ପ୍ରତ୍ୟେକ ଜିଲାର କଳାକାରମାନେ କଳାର ପ୍ରଚାର ପ୍ରସାର କରିବା ସଙ୍ଗେ ସଙ୍ଗେ ଭାବର ଆଦାନ ପ୍ରଦାନରେ ସହାୟକ ହେବ ବୋଲି ସଂଗୀତ ନାଟକ ଏକାଡେମୀ ସଚିବ କହିଥିଲେ। ପ୍ରଥମ ସନ୍ଧ୍ୟାରେ ବଲାଙ୍ଗୀରର ନବୀନ କୁଅଁର ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା। ସୁନ୍ଦରଗଡର ଉଦ୍ଧବ ଭିତିରିଆ ଓ ସାଥୀ, ସମ୍ବଲପୁରର ଜୟଶ୍ରୀ ପୁରୋହିତ, ମଣ୍ଟୁ ଦୁବେ ଓ ସାଥୀ କଳାକାରମାନେ ସମ୍ବଲପୁର ନୃତ୍ୟ ପରିବେଶଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ.ମିହିର କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ପାତ୍ର, ଦେବେନ୍ଦ୍ରନାଥ ମହାପାତ୍ର, ମାନସ ରଞ୍ଜନ ବାରିକ, ଲକ୍ଷ୍ମୀଧର ବାରିକ, ଅକ୍ଷୟ କୁମାର ସାହୁ, ଆରତୀ ପାତ୍ର, ଉଷାରାଣୀ ମହାପାତ୍ର, କୈଳାସ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କେଦାର ବ୍ରତ, କାର୍ତ୍ତିକ ପୂର୍ଣ୍ଣମୀ ପ୍ରସ୍ତୁତି

ବ୍ରହ୍ମପୁର ଅଫିସ,୬।୧୧


ରେଶମ ସହରରେ ବୋଇତ ବିକ୍ରି ଚାଲିଛି।

କାର୍ତ୍ତିକ ପୂର୍ଣ୍ଣମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମନ୍ଦିରଗୁଡିକରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। କାର୍ତ୍ତିକ ପୂର୍ଣ୍ଣମା ବା ରାସ ପୂର୍ଣ୍ଣମୀରେ କେଦାର ବ୍ରତ ମଧ୍ୟ ପାଳନ କରାଯାଏ। ଏହିଦିନ ଭୋରରୁ ଜଳାଶୟଗୁଡିକରେ ଡଙ୍ଗା ଭସାଯାଏ। ଚନ୍ଦ୍ରଗ୍ରହଣ ଲାଗି ରେଶମ ସହର ବ୍ରହ୍ମପୁରରେ ସୋମବାର କେଦାର ବ୍ରତ ପାଳନ ହେଉଥିବା ବେଳେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀରେ ଭୋର ସାଢ଼େ ୫ଟା ମଧ୍ୟରେ ଡଙ୍ଗାଭସା ଓ ମନ୍ଦିରର ପୂଜା ନୀତି ସରିବ ବୋଲି ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିର ପୂଜାରୀ ସୀମାଞ୍ଚଳ ପଣ୍ଡାସୂଚନା ଦେଇଛନ୍ତି। ସେହିପରି ଜିଲା ପର୍ଯ୍ୟଟନବିଭାଗ ପକ୍ଷରୁମଧ୍ୟ ଗୋପାଳପୁର ଠାରେ ବୋଇତ ବନ୍ଦାଣ ନିମନ୍ତେ ସୋମବାର ରାତି ୩ଟାରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ତୈଳିକ ବୈଶ୍ୟ ସମାଜ ଓ ବହୁ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବୋଇତ ବନ୍ଦାଣ ନିମନ୍ତେ ପ୍ରସ୍ତୁତି ଚାଲିଛି। ରେଶମ ସହରରେ ଦୁଇ ଦିନ ହେବ ବୋଇତ ବିକ୍ରି ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ଦିଗପହଣ୍ଡି, ପୁରୁଷୋତ୍ତମପୁର, ଗୋପାଳପୁର ଅଞ୍ଚଳରୁ ବ୍ୟବସାୟୀ ମାନେ ଆସି ବୋଇତ ବିକ୍ରି ନିମନ୍ତେ ଡ଼େରା ପକାଇଛନ୍ତି। ଚଳିତ ବର୍ଷ ସହରରେ ନୂତନ ଡ଼ିଜାଇନରେ ହେଉଥିବା ଥର୍ମୋକୁଲ, ବାଉଁଶ ପାଟିଆ, ରଙ୍ଗିନ ଜରି ଓ କାଗଜରେ ପ୍ରସ୍ତୁତ ବୋଇତ ବା ଡ଼ଙ୍ଗା ଦେଖିବାକୁ ମିଳୁନାହିଁ। କେବଳ କଦଳୀ ଗଛରୁ ପ୍ରସ୍ତୁତ ହେଉଥିବା ଡଙ୍ଗା ପିଛା ୧୦ରୁ ୧୫ ଟଙ୍କାରେ ବିକ୍ରି ହେଉଛି।

## ଟିପିଏସ୍‌ଓଡିଏଲର ଷ୍ଟେଟ ବ୍ୟାଙ୍କ ସହିତ ସହଯୋଗିତା

ବ୍ରହ୍ମପୁର ଅଫିସ,୬।୧୧

ଗ୍ରାହକଙ୍କୁ ବିଦ୍ୟୁତ ବିଲ ପୈଠ ସୁବିଧା ପ୍ରଦାନ ପାଇଁ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ରବିବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ସହ ସହଯୋଗିତା ସ୍ଥାପନ କରାଯାଇଛି। ଟିପିଏସଓଡିଏଲର ସମସ୍ତ ଗ୍ରାହକ ଏବେ ୮ଟି ଜିଲାରେ ଥିବା ୧୬୫୨ ସଂଗ୍ରହ ପଏଣ୍ଟରେ ସେମାନଙ୍କ ବିଦ୍ୟୁତ ବିଲକୁ ସୁବିଧାରେ ପ୍ରଦାନ କରିପାରିବେ। ଏଠରୁ ବିଲ ପୈଠର ରସିଦ ପାଇପାରିବେ। ଗ୍ରାହକଙ୍କ ସୁବିଧା ଓ ଡିଜିଟାଲ ଗ୍ରହଣୀୟତାକୁ ନିଶ୍ଚିତ କରିବା ପାଇଁ ଟିପିଏସଓଡିଏଲ ପକ୍ଷରୁ ଫୋନ ପେ, ଆମାଜନ ପେ, ଗୁଗୁଲ ପେ, ଭାରତ ମନି, ଜିଓ ମନି, ପେଟିଏମ, ଫ୍ରି ରିଚାର୍ଜ, ଏୟାରଟେଲ ମନି, ମୋବିକ୍ୱିକ, ପେୟୁ, ଟାଟା ନିୟୁ ଭଳି ପୈଠ ଗେଟୱେ ଓ ଓକାକ, ଆଇବିଏଏକ୍ସ କ୍ୟାସ, ରାଷ୍ଟ୍ରାୟତ ବ୍ୟାଙ୍କ, ଭିମ ଆଦି ଅନ୍ୟ ପ୍ଲାଟଫର୍ମ ସହ ସହଯୋଗିତା ସ୍ଥାପନ କରାଯାଇଛି। ଡିଜିଟାଲ ମାଧ୍ୟମରେ ପୈଠ କରୁଥିବା ଗ୍ରାହକମାନେ ସେମାନଙ୍କୁ ବିଲ ଉପରେ ୩% ରିହାତି ପାଇପାରିବେ। ସେମାନେ କଂପାନୀର ୱେବସାଇଟରେ ମଧ୍ୟ ସିଧାସଳଖ ପେମେଣ୍ଟ କରିପାରିବେ। ଏ ନେଇ ଟିପିଏସଓଡିଏଲ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି। ଯେ, ଗ୍ରାହକଙ୍କ ସୁବିଧା ପ୍ରତି ଅନ୍ୟତମ ପଦକ୍ଷେପ ସ୍ୱରୂପ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହ ସହଯୋଗିତା ସ୍ଥାପନ କରିଛୁ। ଏହି ସେବାକୁ ନିଶ୍ଚିତ କରିବା ପାଇଁ ପେମେ୍ ନେଟୱାର୍କକୁ ସଂପ୍ରସାରିତ କରୁଛୁ। ଗ୍ରାହକଙ୍କୁ ବିବଧ ମାଧ୍ୟମ ପ୍ରଦାନ କରିବା ସହିତ ଭରସାଯୋଗ୍ୟ ଓ ମିତବ୍ୟୟୀ ସେବାକୁ ନିଶ୍ଚିତ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।




### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ଜଗା


@ ଆଇଶା


@ ଶଶିକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ମାସରେ ୧.୦୩ କୋଟି ଜରିମାନା

## ୩୩୩ ଡିଏଲ୍ ରଦ୍ଦ ସୁପାରିସ

ବ୍ରହ୍ମପୁର ଅଫିସ,୬।୧୧

ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ବିଶେଷ କରି ସହରରେ ହେଲମେଟ୍, ନିଶାସକ୍ତ ଚାଳକ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ ଧରପଗଡ ଅଭିଯାନ ଚାଲିଛି। ହେଲମେଟ ନ ପିନ୍ଧିଲେ ଏବେ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏପରିକି ହେଲମେଟ୍ ନ ପିନ୍ଧିଲେ ୩ ମାସ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ରଦ୍ଦ କରିବା ପାଇଁ ପୋଲିସ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ସୁପାରିସ୍ କରିଛି। ଏହି ଧାରାରେ ୨୦୨୨ ସେପ୍ଟେମ୍ବର ୧ରୁ ଅକ୍ଟୋବର ଶେଷ ସୁଦ୍ଧା ବ୍ରହ୍ମପୁରରେ ଟ୍ରାଫିକ ଥାନା ପକ୍ଷରୁ ୧ କୋଟି ୩ ଲକ୍ଷରୁ ଜରିମାନା ଆଦାୟ ହୋଇଛି। ମାନୁଆଲ୍ ଏବଂ ଇ–ଚାଲାଣରେ ମୋଟ ୧ କୋଟି ୩ ଲକ୍ଷ ୫୨ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇଛି ବୋଲି ଟ୍ରାଫିକ୍ ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ୩୩୩ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଥିବା ରବିବାର ସେ ସୂଚନା ଦେଇଛନ୍ତି। ୨ ମାସ ମଧ୍ୟରେ ସେପ୍ଟେମ୍ବରରେ ସର୍ବାଧିକ ୫,୬୩୭ ଗାଡି ଚାଳକଙ୍କ ଠାରୁ ୫୪ ଲକ୍ଷ ୩୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୦୧ ଗାଡି ଚାଳକଙ୍କ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି ବୋଲି ଟ୍ରାଫିକ୍ ଥାନା ଅଧିକାରୀ କହିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୬।୧୧(ଡି.ଏନ୍.ଏ.)

ଆସିକା ଏନଏସି କଳିଙ୍ଗା ରୋଡରେ ଏକ ଘର ସିଡି ରେଲିଂରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ସେ ହେଲେ ନୟାଗଡ ଜିଲା ଖଣ୍ଡପଡା ଥାନା ଗୌଡବୋଦସା ଗ୍ରାମର ସୁଶାନ୍ତ କୁମାର ନାୟକ। ସୁଶାନ୍ତ କିଛିମାସ ହେଲା ଏଠାର ଏକ ମଲରେ କାର୍ଯ୍ୟ କରୁଥିଲେ । ଅନ୍ୟଦୁଇ ସହଯୋଗୀଙ୍କ ସହ ସେ ଭଡା ଘରେ ରହୁଥିଲେ । ମୃତଦେହ ଝୁଲୁଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ସୁଶାନ୍ତଙ୍କ ପରିବାର ଲୋକ ମଧ୍ୟ ଆସିଥିଲେ। ମା' ଜୟନ୍ତୀ ନାୟକ ପୁଅର ମୃତ୍ୟୁକୁ ନେଇ ସନ୍ଦେହ ପ୍ରକଟ କରିଥିବା ଆସିକା ପୋଲିସରେ ଅଭିଯୋଗ କରିଛନ୍ତି । ନଂ.୩୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ କାରି ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଆସିକାରେ ମୃତଦେହ ବ୍ୟବଛେଦ ହୋଇଛି ।

# ଗଞ୍ଜାମରୁ ୪ କ୍ରୀଡ଼ାବିତ୍ ମନୋନୀତ


ଆଦିତ୍ୟ ଓ ୟଶରାଜ।


ବୈଶାଳୀ ଓ ବସାଭୀ

ବ୍ରହ୍ମପୁର ଅଫିସ,୬।୧୧

### ଜାତୀୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତା

ନଭେମ୍ବର ୧୪ରୁ ହିମାଚଳ ପ୍ରଦେଶର କାଙ୍ଗ୍ରାଠାରେ ଜାତୀୟ ସ୍ତରୀୟ ସବଜୁନିୟର ବାସ୍କେଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ରାଜ୍ୟ ବାସ୍କେଟ ବଲ ଦଳରେ ଗଞ୍ଜାମ ଜିଲାରୁ ୪ କ୍ରୀଡ଼ାବିତ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ଜଣ ବାଳିକା ଓ ଦୁଇ ଜଣ ବାକଳ ପ୍ରତିଯୋଗୀ ଅଛନ୍ତି। ମନୋନୀତ ବାଳକ ବାସ୍କେଟବଲ କ୍ରୀଡ଼ାବିତ ହେଉଛନ୍ତି ୟଶରାଜ ରଂଜିତ ଓ ଆଦିତ୍ୟ ସେଠୀ। ବାଳିକା କ୍ରୀଡ଼ାବିତ ହେଉଛନ୍ତି ବାସଭୀ ନାୟକ ଓ ବୈଶାଳୀ ରାଉତ। ପ୍ରତିଯୋଗୀଙ୍କୁ ଜିଲା ବାସ୍କେଟ ବଲ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ପ୍ରତିଯୋଗୀ ମାନେ ଜାତୀୟ ସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗୀତ ନିମନ୍ତେ ଓଡ଼ିଶା ବାସ୍କେଟ ବଲ ଦଳ ୧୦ରୁ ଭୁବନେଶ୍ୱର ଠାରୁ ହିମାଚଳ ପ୍ରଦେଶ ଅଭିମୁଖେ ଯାତ୍ରା କରିବେ।

# ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ବିକାଶ ବାଧାପ୍ରାପ୍ତ: କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ

ବ୍ରହ୍ମପୁର ଅଫିସ,୬।୧୧


ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ବିକାଶ ବାଧାପ୍ରାପ୍ତ ହୋଇଛି ଏବଂ ସମସ୍ୟା ବଢ଼ି ଚାଲିଛି। ଏହାର ସମାଧାନ ଲାଗି ଠିକ୍ ପଦକ୍ଷେପ ନିଆ ନ ଯିବା ଉଦବେଗର ବିଷୟ ହୋଇଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଭାଜପା କର୍ମୀମାନେ ଜନ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଜେଡି ଶାସନରେ ରାଜ୍ୟରେ ଆଶାନୁରୂପ ବିକାଶ ହୋଇନଥିବା ସେ କଟାକ୍ଷ କରିଛନ୍ତି।

ଆସିକା ନିକଟ ଏକ ଗ୍ରାମକୁ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ରବିବାର ବ୍ରହ୍ମପୁର ସର୍କିଟ ହାଉସ ଠାରେ ଦଳୀୟ କର୍ମୀ ଓ ଗଣଧାଧମ ସହ ସ୍ୱଳ୍ପ ସମୟ ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଟୁଡୁ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ଧାମନଗର ଉପନିର୍ବାଚନ ଫଳାଫଳରେ ଭାଜପା ନେତା ଓ କର୍ମୀ ସନ୍ଧ୍ୟାରେ ଗାନ୍ଧୀ ନଗର ଛକରେ ବାଣ ଫୁଟାଇ ଓ ମିଠା ବାଣ୍ଟି ଖୁସି ମନାଇଥିଲେ।

ସର୍କିଟ ହାଉସରେ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ବିଭୂତି ଜେନା, ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ନୀଳମଣି ବିଶୋୟୀ, ରଞ୍ଜନ ପଲେଇ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଜେଶ ସାହୁଙ୍କ ସମେତ ଜିଲା ସଂଗଠନ କର୍ମକର୍ତ୍ତା ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ, ମଦନ ପାତ୍ର, ବାଳକୃଷ୍ଣ ସାମନ୍ତରାୟ ପ୍ରମୁଖ ଜିଲା ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଏମସି କର୍ପୋରେଟର ନୀଳକଣ୍ଠ ସାହୁ ଓ ରଞ୍ଜିତା ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

